ପ୍ରେସ୍ ନୋଟ୍

# ଅନୁଗୋଳ ଜିଲ୍ଲାର ନ୍ୟାୟାଳୟଗୁଡିକରେ କାର୍ଯ୍ୟକାରୀ ହେବ ସର୍ବୋଚ୍ଚ ନ୍ୟାୟାଳର ଇ-କମିଟି ।

ଅନୁଗୋଳ,ତା. ୧୨.୦୫:- ବିଭିନ୍ନ ମୋକଦ୍ଦମାକୁ କମ୍ ସମୟ ମଧ୍ୟରେ ସାରିବାରେ ସହାୟତା କରିବା ନିମନ୍ତେ ଜିଲ୍ଲାର ୧୦ ଜଣ ଆଇନ୍‌ଜୀବିଙ୍କୁ ଆଡଭୋକେଟ୍ ମାଷ୍ଟର ଟ୍ରେନର ଭାବରେ ସମ୍ବୋଧନ କରାଯାଇ ଡିଜିଟିଲ ସାର୍ଟିଫିକେଟ ଅଫ୍ ଆପ୍ରିସିଏସନ ପ୍ରଦାନ କରାଯାଇଅଛି । କମିଟିର ଏହି ୧୦ ଜଣ ଆଇନ୍‌ଜୀବିଙ୍କ ମଧ୍ୟରେ ଅନୁଗୋଳ ବାର ଆସୋସିଏସନର ଶ୍ରୀ ବୈଷ୍ଣବ ଚରଣ ପାତ୍ର ଓ ମମତା ରାଣୀ ମହାପାତ୍ର, ତାଳଚେର ବାର ଆସୋସିଏସନର ଶ୍ରୀ ସୂର୍ଯ୍ୟକାନ୍ତ ମହାରଣା ଓ ଶ୍ରୀ ଜଗଦିଶ୍ୱର ସାହୁ, ଆଠମଲ୍ଲିକ ବାର ଆସୋସିଏସନର ଶ୍ରୀ ବିନାୟକ ଗୁଦୁକା ଓ ଶ୍ରୀ ଆର୍ଯ୍ୟଭଟ୍ଟ ମହାନନ୍ଦିଆ, ପାଲଲହଡା ବାର ଆସୋସିଏସନର ଶ୍ରୀ ପ୍ରସନ୍ନ କୁମାର ପ୍ରଧାନ ଓ ଶ୍ରୀ ସରୋଜ କୁମାର ଦେହୁରୀ, ଛେଣ୍ଡିପଦା ବାର ଆସୋସିଏସନର ଶ୍ରୀ ଗୋପବନ୍ଧୁ ସାହୁ ଓ ଶ୍ରୀ ରଞ୍ଜିତ କୁମାର ସାହୁଙ୍କୁ ଏହି ଆଡଭୋକେଟ ମାଷ୍ଟର ଟ୍ରେନର ଭାବରେ ନିୟୋଜିତ କରାଯାଇ ଡିଜିଟିଲ ସାର୍ଟିଫିକେଟ ଅଫ୍ ଆପ୍ରିସିଏସନ ପ୍ରଦାନ କରାଯାଇଅଛି । ଏହାଦ୍ୱାରା ନ୍ୟାୟାଳୟରେ କମ୍ପୁଟରର ବହୁଳ ପ୍ରଚଳନ ହେବା ସହ ବିଭିନ୍ନ ମୋକଦ୍ଦମା ସାରିବାରେ ସହାୟତା କରିବ ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ,ଅନୁଗୋଳ ।

ଜ୍ଞାପକ ସଂଖ୍ୟା . ୩୦୨ ତା. ୧୨.୦୫. ୨୦୨୨ ।

ଏହାର ଏକକିତା ନକଲ ସମସ୍ତ ଜିଲ୍ଲା ସ୍ତରୀୟ ସାମ୍ବାଦିକଙ୍କ ସଦୟ ଅବଗତି ଓ ଏହାର ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ,ଅନୁଗୋଳ ।